بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୫ ଅଗଷ୍ଟ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ପବିତ୍ର ମକ୍କା ସହର ବିଜୟର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ୍ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର ଅ.ବ କହିଲେ; ଗତ ଖୁତ୍‌ବାରେ ମୁଁ ତିନୋଟି ବଡ ପ୍ରତିମୂର୍ତ୍ତିକୁ ଧୂଳିଶାତ କରିବା ସଂକ୍ରାନ୍ତରେ ଆଲୋଚନା କରିଥିଲି । ତାହାର ଅତିରିକ୍ତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି, ଗୋଟିଏ ସରିୟା ହଜରତ ସାଦ୍ ବିନ୍ ଜୈଦ୍ ଅଶ୍‌ହଲି ର.ଅଙ୍କ ନେତୃତ୍ୱରେ ଲଢା ଯାଇଥିଲା । ଯାହାକି ୨୪ରମଜାନ୍ ୮ହିଜ୍‌ରୀରେ ମହାଭାଗ ସ.ଅ ମନାତ୍ ପ୍ରତିମାକୁ ଧୂଳିଶାତ କରିବା ପାଇଁ ପ୍ରେରଣ କରିଥିଲେ । ତାହାକୁ ଲୋହିତ ସାଗର ଉପକୂଳରେ ଅବସ୍ଥିତ କଦିଦ୍ ନିକଟବର୍ତ୍ତୀ ମୁଶଲ୍‌ଲ୍ଲ ଠାରେ ସ୍ଥାପିତ କରାଯାଇଥିଲା । ଏଥିପାଇଁ ତାହାକୁ ସରିୟା ମୁଶଲ୍‌ଲ୍ଲ ନାମରେ ମଧ୍ୟ ଅଭିହିତ କରାଯାଏ । ହଜରତ ସଇଦ୍ ବିନ୍ ଜୈଦ୍ ଅଶ୍‌ହଲି ଯେତେବେଳେ ସେହିସ୍ଥଳେ ପହଞ୍ଚିଲେ ସେଠାରେ ତାହାର ଜଣେ ପୂଜାରୀ ଥିଲା । ସେ ଆପଣଙ୍କୁ ପଚାରିଲା ତୁମେ କ'ଣ ଚାହୁଁଛ ? ହଜରତ ସଇଦ୍ ଉତ୍ତର ଦେଲେ, ମୁଁ ମନାତ୍‌କୁ ଧୂଳିଶାତ କରିବା ପାଇଁ ଆସିଛି । ପ୍ରତିଉତ୍ତରରେ ସେ କହିଲା; ଏହା ତୁମ ଦ୍ୱାରା ସମ୍ଭବ ନୁହେଁ । ତେବେ ହଜରତ ସଇଦ୍ ପ୍ରତିମା ଆଡକୁ ଅଗ୍ରସର ହେଲେ । ବର୍ଣ୍ଣନାକାରୀ ଉଲ୍ଲେଖ କରନ୍ତି, ଜଣା ନାହିଁ ବାସ୍ତବରେ ଏପରି ଘଟିଥିଲା ଅବା ଯେପରି କେତେକ ସମୟରେ ମନଗଢା କାହାଣୀ ବର୍ଣ୍ଣନା କରାଯାଇଥାଏ, ସେତେବେଳେ ଜଣେ କଳା ବର୍ଣ୍ଣର ଉଲଗ୍ନ ଓ ମୁକୁଳା କେଶଧାରୀ ମହିଳା କୋଠରୀରୁ ବାହାରକୁ ବାହାରିଲେ ଏବଂ ପୂଜାରୀ ଜଣକ ନିଜ ପ୍ରତିମାକୁ ସମ୍ବୋଧନ କରି କହିଲେ; ହେ ମନାତ୍ ! ନିଜ ପ୍ରକୋପ ଦେଖାଅ । ତା'ପରେ ହଜରତ ସାଦ୍ ବିନ୍ ଜୈଦ୍ ଅଶ୍‌ହଲି ର.ଅ ସେହି ପୂଜାରୀକୁ ହତ୍ୟା କରିଦେଲେ । ମହାମହିମ ହୁଜୁର ଅନୱ୍ୱର ଅ.ବ କହିଲେ; ଯଦି ଏହି ବର୍ଣ୍ଣନା ସଠିକ୍ ତେବେ ସମ୍ଭବତଃ ସମ୍ପୃକ୍ତ ବ୍ୟକ୍ତି ଜଣକୁ ମୁକାବିଲା କରିଥିବ ଓ ସେହି ସଂଘର୍ଷରେ ନିହତ ହୋଇଥିବ । **କେବଳ ଅଭିଶାପ ପକାଇବା ଯୋଗୁଁ କାହାରିକୁ ହତ୍ୟା କରିବାର ତ ଇସଲାମ କଦାପି ଶିକ୍ଷା ଦେଇନାହିଁ ।** ଆଉ ଏହାକୁ କୌଣସି ବୁଦ୍ଧିବିବେକ ସଠିକ୍ ବିବେଚିତ କରିବ ନାହିଁ ତଥା ଏହା ନବୀଶ୍ରେଷ୍ଠ ସ.ଅଙ୍କର ସାଧାରଣ ନିର୍ଦ୍ଦେଶ ବିପରୀତ ।

ସରିୟା ହଜରତ ଖାଲିଦ୍ ବିନ୍ ଓଲିଦ୍ ର.ଅ ଯାହାକି ନଜଦ୍ ଅଭିମୁଖେ ହୋଇଥିଲା । ୨୫ରମଜାନ୍ ମାସ ୮ହିଜ୍‌ରୀ ଅର୍ଥାତ୍ ୬୨୯ମସିହା ଜାନୁଆରୀ ମାସରେ ହଜରତ ମୁହମ୍ମଦ ସ.ଅ କୁରୈଶ୍‌ର ସୁପ୍ରସିଦ୍ଧ ପ୍ରତିମା ଉଜ୍ଜାକୁ ଧୂଳିଶାତ କରିବା ସକାଶେ ହଜରତ ଖାଲିଦ୍ ର.ଅଙ୍କୁ ପ୍ରେରଣ କରିଥିଲେ । ଇବ୍‌ନେ ଇସହାକ୍ ବର୍ଣ୍ଣନା କରନ୍ତି ଯେତେବେଳେ ଉଜ୍ଜାର ପୂଜାରୀକୁ ହଜରତ ଖାଲିଦ୍ ର.ଅଙ୍କ ଆଗମନର ସୂଚନା ମିଳିଲା ସେତେବେଳେ ସେ ସେହି ପ୍ରତିମା ଉପରେ ଖଣ୍ଡା ଲଟକାଇ ନିଜେ ପର୍ବତ ଉପରକୁ ଚାଲିଗଲା ଓ ଏହି କବିତା ଆବୃତ୍ତି କରିବାକୁ ଲାଗିଲା ଯେ, ହେ ଉଜ୍ଜା ! ଖାଲିଦ୍ ଉପରେ ଏପରି ଭୀଷଣ ପ୍ରହାର କର କି ତାହାର ଅସ୍ତିତ୍ୱ ହିଁ ବାକି ରହିବ ନାହିଁ । ଯୁଦ୍ଧ କବଚ ପରିଧାନ କରି ପ୍ରସ୍ତୁତ ହୋଇଯାଅ । ହେ ଉଜ୍ଜା ! ଯଦି ତୁମେ ଖାଲିଦ୍‌କୁ ନିହତ ନକର, ତଥାପି ତାହାର

ଏହି ମହାପାପ ଅବଶ୍ୟ ତାହାକୁ ନିଜ କୁପରିଣତିରେ ଉପନିତ କରାଇବ । ହଜରତ ଖାଲିଦ୍[ର.ଅ] ନଖଲାରେ ପହଞ୍ଚି ଆକାଶୀ ବୃକ୍ଷ କାଟିଦେବା ସହିତ ସେହି ଗୃହ ଯେଉଁଥିରେ ଉଜ୍ଜା ପ୍ରତିମାକୁ ସ୍ଥାପିତ କରାଯାଇଥିଲା, ଧୂଳିଶାତ କରିଦେଲେ । ତା'ପରେ ମକ୍କା ପ୍ରତ୍ୟାବର୍ତ୍ତନ କଲେ ଓ ହୁଜୁର [ସ.ଅ]ଙ୍କୁ ସେଥି ସଂକ୍ରାନ୍ତରେ ସୂଚିତ କଲେ । ହୁଜୁର[ସ.ଅ] ତାଙ୍କୁ ପଚାରିଲେ କ'ଣ ତୁମେ ସେଠାରେ କିଛି ବିଶେଷ କଥା ପରିଲକ୍ଷିତ କଲ ? ହଜରତ ଖାଲିଦ୍ ଉତ୍ତର ଦେଲେ, ନା । ଏଥିରେ ମହାଭାଗ କହିଲେ; ତେବେ ତ ତୁମେ ଉଜ୍ଜାକୁ ଧୂଳିଶାତ କରି ନାହଁ, ପୁନର୍ବାର ସେଠାକୁ ଯାଅ ଓ ତାହାକୁ ଧୂଳିଶାତ କରି ଆସ । ଅତଃ ଆଦେଶ ପାଳନ କରି ହଜରତ ଖାଲିଦ୍[ର.ଅ] ସେଠାକୁ ପୁନଃ ବାହାରି ଗଲେ, ଯେତେବେଳେ ଉଜ୍ଜାର ତତ୍ତ୍ୱାବଧାରକମାନେ ଆପଣଙ୍କୁ ନିଜ ଆଡ଼କୁ ଆସୁ ଥିବାର ଦେଖିଲେ ସେତେବେଳେ ସେମାନେ ପର୍ବତ ଉପରକୁ ଚାଲିଗଲେ । ଆଉ ସେମାନେ ଏହା କହୁଥିଲେ ହେ ଉଜ୍ଜା ! ଏମାନଙ୍କୁ ଧ୍ୱଂସ କରିଦିଅ । ସେହି ଗୃହରୁ ମଧ୍ୟ ଜଣେ କଳା ବର୍ଣ୍ଣର ମୁକୁଳା କେଶଧାରୀ ମହିଳା ବାହାରିଲେ ସେତେବେଳେ ହଜରତ ଖାଲିଦ୍[ର.ଅ] ଏହି କବିତା ପାଠ କରୁଥିଲେ ହେ ଉଜ୍ଜା ! ମୁଁ ତୁମର ଅସ୍ୱୀକାର କରୁଅଛି, ତୁମ ମହିମା ଗାନ କରୁ ନାହିଁ, ମୁଁ ଦେଖିଛି ଯେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତୁମକୁ ଅପମାନିତ କରିଦେଇଛନ୍ତି । ତା'ପରେ ସେଠାରୁ ହଜରତ ଖାଲିଦ୍[ର.ଅ] ଫେରି ଆସି ନବୀଶ୍ରେଷ୍ଠଙ୍କୁ ସମସ୍ତ ଘଟଣାର ବୃତ୍ତାନ୍ତ କଲେ । ଏଥିରେ ହୁଜୁର[ସ.ଅ] କହିଲେ; ହଁ ! ଏ ସେହି ଉଜ୍ଜା ଯେ ନିରାଶ ହୋଇଯାଇଛି । **କାରଣ ତୁମ ସହରରେ ତାହାର ଆଉ କେହି ଉପାସନା କରିବେ ନାହିଁ ।**

ସେଥିଅନ୍ତେ ସରିୟା ଉମର୍ ବିନ୍ ଆସ୍[ର.ଅ] ଯେ କି ସୁଆ ଅଭିମୁଖେ ପ୍ରସ୍ଥାନ କରିଥିବାର ବର୍ଣ୍ଣନା ରହିଛି । ଏହା ମଧ୍ୟ ରମଜାନ୍ ମାସ ୮ ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ଉଜ୍ଜା ପ୍ରତିମାକୁ ଧୂଳିଶାତ କରିବା ପାଇଁ ସୈନ୍ୟଦଳ ପ୍ରେରଣ କରିବା ସହିତ ହିଁ ହୁଜୁର[ସ.ଅ] ହଜରତ ଉମର୍ ବିନ୍ ଆସ୍ [ର.ଅ]ଙ୍କୁ ସୁଆ ପ୍ରତିମାକୁ ଧୂଳିଶାତ କରିବା ସକାଶେ ସେହି ଅଞ୍ଚଳ ଅଭିମୁଖେ ପ୍ରେରଣ କରି ଦେଇଥିଲେ । ସେହି ପ୍ରତିମାର ଆକାର ଏକ ମହିଳା ସଦୃଶ ଥିଲା । ପବିତ୍ର କୁରଆନରେ କିଛି ପ୍ରତିମାଙ୍କର ନାମ ଉଲ୍ଲେଖ ରହିଛି, ତହିଁରେ ଏହି ପ୍ରତିମା ମଧ୍ୟ ଗୋଟିଏ । ଅତଃ ସୁରଃ ନୁହ୍‌ରେ ବର୍ଣ୍ଣିତ ରହିଛି, ଏବଂ ସେମାନେ କହିଲେ, କଦାପି ନିଜ ଉପାସ୍ୟଗୁଡ଼ିକୁ ଛାଡ ନାହିଁ, ନା ଓଦ୍‌ଦକୁ ନା ସୁଆକୁ ନା ୟାଗୁସ୍‌କୁ ଓ ନା ୟାଉକ୍‌କୁ, ଆଉ ନସର୍‌କୁ ମଧ୍ୟ ବର୍ଜନ କର । ବାସ୍ତବରେ ଏସବୁ କିଛି ପୁଣ୍ୟବାନ ଲୋକମାନଙ୍କ ନାମ, ଯେ ହଜରତ ନୁହ୍ [ଅ.ସ]ଙ୍କ ସମ୍ପ୍ରଦାୟର ଥିଲେ । ଯେତେବେଳେ ସେମାନେ ମୃତ୍ୟୁବରଣ କଲେ ସେତେବେଳେ ଶୈତାନ ସେମାନଙ୍କ ଜାତିର ଲୋକମାନଙ୍କ ମନରେ ଏହି ଭାବନା ଉଦ୍ରେକ କଲା ଯେ, ଏହି ସ୍ଥାନମାନଙ୍କରେ ଯେଉଁଠାରେ ସେମାନେ ବସାଉଠା କରୁଥିଲେ, ପ୍ରତିମା ସ୍ଥାପନ କରିଦିଅ । ଆଉ ସେମାନଙ୍କ ନାମରେ ଏହି ପ୍ରତିମାଗୁଡ଼ିକର ନାମକରଣ କର । ବସ୍ତୁତଃ ସେମାନେ ଏହିପରି ହିଁ କଲେ ଓ ସେଗୁଡ଼ିକର ଉପାସନା କରିବା ଆରମ୍ଭ କରିଦେଲେ ।

ହଜରତ ଉମର୍ ବିନ୍ ଆସ୍[ର.ଅ] ଯେତେବେଳେ ରାହାତ୍ ସ୍ଥାନରେ ସୁଆ ନିକଟରେ ପହଞ୍ଚିଲେ ସେତେବେଳେ ତାଙ୍କୁ ତାହାର ପୂଜାରୀ ଭେଟ ହେଲା । ସେ ତାକୁ କହିଲେ; ମୁଁ ଏଠାକୁ ହଜରତ ମୁହମ୍ମଦ [ସ.ଅ]ଙ୍କ ଆଦେଶକ୍ରମେ ଏହି ପ୍ରତିମାକୁ ଧୂଳିଶାତ କରିବା ପାଇଁ ଆସିଛି । ପ୍ରତିଉତ୍ତରରେ ସେ କହିଲା, ତୁମେ ଏହି କାର୍ଯ୍ୟରେ କଦାପି ସଫଳ ହୋଇପାରିବ ନାହିଁ । କାରଣ ପଚାରିବାରୁ ସେ କହିଲା, ଦେଖ ତୁମେ ଅଟକାଇ ଦିଆଯିବ । ଏଥିରେ ହଜରତ ଉମର୍ ବିନ୍ ଆସ୍ କହିଲେ; ତୁମ ଉପରେ ଖେଦ ! କ'ଣ ଏହା ଦେଖିଶୁଣି ପାରେ ? ତତ୍ ପଶ୍ଚାତ ସେ ଆଗକୁ ବଢ଼ି ତାହାକୁ ଭାଙ୍ଗି ଦେଲେ । ଆଉ ନିଜ ସାଥୀମାନଙ୍କୁ କହିଲେ; ଏହି ପ୍ରତିମାର ଭଗ୍ନାଂଶକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦିଅ । ଅତଏବ ସେମାନେ ତାହାକୁ ଧୂଳିଶାତ କରିଦେଲେ । ତା'ପରେ ସେ ପୂଜାରୀକୁ ପଚାରିଲେ, ଏବେ କୁହ ! ସେ ନିଜ ଉପାସ୍ୟର ଏପରି (ତିରସ୍କାର ହେବାର) ଦେଖି ସଙ୍ଗେସଙ୍ଗେ କହି ଉଠିଲା, **ମୁଁ ପରାକ୍ରମୀ ଅଲ୍ଲାଃଙ୍କର ଆଜ୍ଞାବହତା ସ୍ୱୀକାର କରୁଅଛି ଓ ଇସଲାମ ଧର୍ମ ଗ୍ରହଣ କରୁଅଛି ।** ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ଘଟଣା ଦୃଷ୍ଟି କୋଣରୁ ଏକଥା ସ୍ପଷ୍ଟ ହେଉଛି ଯେ, ପୂର୍ବେ ଯେଉଁ ପୂଜାରୀ ଅବା ଜଣେ ବ୍ୟକ୍ତିକୁ ହତ୍ୟା କରିବାର ଘଟଣା ବର୍ଣ୍ଣିତ

ରହିଛି, ତାହା ଗବେଷଣା ଯୋଗ୍ୟ ବିଷୟ ।

ସରିୟା ହଜରତ ଖାଲିଦ୍ ବିନ୍ ଓଲିଦ୍ ଯାହାକି ବନୁ ଜଜିମାଃ ଅଭିମୁଖେ ହୋଇଥିଲା । ତାହା ସୱାଲ୍ ମାସ ୮ ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ମକ୍କା ବିଜୟ ଅବସରରେ ହଜରତ ଖାଲିଦ୍ ଉଜ୍ଜା ପ୍ରତିମାକୁ ଧୂଳିଶାତ କରି ଆସିବା ପରେ ପୁଣ୍ୟଶ୍ଲୋକ ତାଙ୍କୁ ବନୁ ଜଜିମାଃ ଅଭିମୁଖେ ପ୍ରେରଣ କରିଥିଲେ, ଯାହାକି ମକ୍କାର ୟଲମ୍‌ଲମ୍ ପାର୍ଶ୍ୱରେ ଅବସ୍ଥିତ ଥିଲା । ହୁଜୁର[ସ.ଅ] ହଜରତ ଖାଲିଦ୍ [ର.ଅ]ଙ୍କୁ କହିଲେ; ସେହି ଗୋଷ୍ଠୀବାସୀଙ୍କୁ ଇସଲାମ ଧର୍ମ ପ୍ରତି ଡ଼ାକରା ଦେବ । ହୁଜୁର[ସ.ଅ] ତାଙ୍କୁ ଏହା ମଧ୍ୟ କହିଲେ ଯେ, ସେମାନଙ୍କ ସହିତ ଯୁଦ୍ଧ କରିବ ନାହିଁ । ଇବ୍‌ନେ ସାଦ୍ କୁହନ୍ତି; ଯେତେବେଳେ ହଜରତ ଖାଲିଦ୍ ସେମାନଙ୍କ ନିକଟରେ ପହଞ୍ଚି ତାଙ୍କୁ ପଚାରିଲେ, ତୁମେ କେଉଁ ଧର୍ମାବଲମ୍ବୀ ? ସେ ଉତ୍ତର ଦେଲେ ଆମେମାନେ ମୁସଲମାନ । ଏଥିରେ ହଜରତ ଖାଲିଦ୍[ର.ଅ] ତାଙ୍କୁ ପୁନଶ୍ଚ ପ୍ରଶ୍ନ କଲେ ତେବେ ତୁମେ ଆମ ବିରୁଦ୍ଧରେ ମାରଣାସ୍ତ୍ର କାହିଁ ଉତ୍ତୋଳନ କରିଛ ? ସେମାନେ କହିଲେ; ଆମ ଓ ଆରବର ଏକ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ରହିଛି, ଆମେମାନେ ମନେ କଲୁ ସମ୍ଭବତଃ ତୁମେମାନେ ସେହି ଶତ୍ରୁ ପକ୍ଷର । ତେଣୁ ଆମେମାନେ ମୁକାବିଲା କରିବା ପାଇଁ ବାହାରି ଆସିଲୁ । ସେ ଯାହା ହେଉ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜରତ ଖାଲିଦ୍ [ର.ଅ]ଙ୍କୁ ସେମାନଙ୍କ କଥାରେ ଆଶ୍ୱସ୍ତି ଲାଭ ହେଲା ନାହିଁ । ବସ୍ତୁତଃ ସେ ଏକଦା ରାତ୍ରୀର ଶେଷ ପହରରେ ଏହି ନିଷ୍ପତ୍ତି ଦେଲେ ଯେ, ଏହି କଏଦୀମାନଙ୍କୁ ହତ୍ୟା କରିଦେବା ଉଚିତ୍ ହେବ । ସୁତରାଂ କିଛି ମୁସଲମାନମାନେ ନିଜ ନିଜ କଏଦୀମାନଙ୍କୁ ହତ୍ୟା କରିଦେଲେ, କିନ୍ତୁ ପ୍ରବାସକାରୀ ଓ ଅନସାର୍ ଦଳ ମଧ୍ୟରେ ଥିବା ପୁରାତନ ମୁସଲମାନମାନେ ହଜରତ ଖାଲିଦ୍ [ର.ଅ]ଙ୍କର ଏହି ନିଷ୍ପତ୍ତିରେ ସହମତ ନଥିଲେ । ତେଣୁ ସେମାନେ ନିଜ କଏଦୀମାନଙ୍କୁ ହତ୍ୟା କଲେ ନାହିଁ । ଯେତେବେଳେ ହୁଜୁର [ସ.ଅ]ଙ୍କୁ ଏହାର ସୂଚନା ମିଳିଲା ସେତେବେଳେ ମହାଭାଗଙ୍କର ଘୋର ମନସ୍ତାପ ହେଲା । ମହାଭାଗ କହିଲେ; ମୁଁ ହଜରତ ଖାଲିଦ୍ [ର.ଅ]ଙ୍କୁ ସେମାନଙ୍କୁ ହତ୍ୟା କରିବାର ଆଦେଶ ଦେଇ ନଥିଲି । ମୁଁ ତ ତାଙ୍କୁ ସେହି ଗୋଷ୍ଠୀକୁ ଇସଲାମ ପ୍ରତି ଡ଼ାକରା ଦେବା ପାଇଁ କହିଥିଲି । **ସେଥିଅନ୍ତେ ମହାଭାଗ ନିଜର ଦୁଇହସ୍ତ ଉର୍ଦ୍ଧ୍ୱଗାମୀ କଲେ ଓ ଦୁଇଥର ଈଶ୍ୱରଙ୍କ ଛାମୁରେ ନିବେଦନ କଲେ, ହେ ଅଲ୍ଲାଃ ! ଖାଲିଦ୍ ଯାହା କରିଛନ୍ତି, ସେଥିପାଇଁ ମୁଁ କ୍ଷୋଭ ପ୍ରକାଶ କରୁଅଛି ।**

ତା'ପରେ ହୁଜୁର[ସ.ଅ] ହଜରତ ଅଲୀ [ର.ଅ]ଙ୍କୁ ନିହତ ବ୍ୟକ୍ତିମାନଙ୍କ ପରିଜନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଓ ସମସ୍ତ ଘଟଣାର ତଦନ୍ତ କରିବାକୁ ପ୍ରେରଣ କଲେ । ହଜରତ ଅଲୀ ସେଠାରେ ପହଞ୍ଚି ନିହତ ବ୍ୟକ୍ତିମାନଙ୍କ ଉତ୍ତରାଧିକାରୀମାନଙ୍କୁ ତାଙ୍କର ରକ୍ତବୁହା କ୍ଷତିପୂରଣ ପ୍ରଦାନ କଲେ ଓ ତାଙ୍କର ଧନସମ୍ପତ୍ତି ଯାହାକୁ ମୁସଲମାନମାନେ ନିଜ ଅଧୀନ କରି ନେଇଥିଲେ ତାହା ତାଙ୍କୁ ଫେରସ୍ତ କରିଦେଲେ । ଏପରିକି ଏକ କାଠ ତିଆରି ବାସନ ଯେଉଁଥିରେ କୁକୁର ଜଳପାନ କରୁଥିଲା, ତାହା ମଧ୍ୟ ଫେରାଇ ଦେଲେ । ସମସ୍ତଙ୍କୁ କ୍ଷତିପୂରଣ ପରିଶୋଧ କରିବା ପରେ ହଜରତ ଅଲୀ [ର.ଅ]ଙ୍କ ନିକଟରେ କିଛି ଅର୍ଥ ବଳି ପଡିଲା, ତାହାକୁ ମଧ୍ୟ ସେ ସେହି ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଲେ ଏବଂ କହିଲେ; ମୁଁ ଏହି ଅର୍ଥ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ତରଫରୁ ସତର୍କତା ପୂର୍ବକ ଦେଉଅଛି, ଯଦ୍ଦ୍ୱାରା ସେହି ଆସନ୍ନ କ୍ଷତିର ଯେଉଁ ଆଶଙ୍କା (ମନରେ ଘନିଭୂତ ହେଉଛି) ତାହାର ନିବାରଣ ହୋଇଯିବ, ଯାହା ସଂକ୍ରାନ୍ତରେ ନା ଅଲ୍ଲାଃଙ୍କ ରସୁଲଙ୍କୁ ଜ୍ଞାତ ଅଛି ଓ ନା ମୋତେ । **ଯେତେବେଳେ ହୁଜୁର [ସ.ଅ]ଙ୍କୁ ଏହି ଖବର ମିଳିଲା ସେତେବେଳେ ମହାଭାଗ ବେଶ ପ୍ରସନ୍ନିତ ହେଲେ** ଏବଂ ହଜରତ ଅଲୀ [ର.ଅ]ଙ୍କୁ କହିଲେ; ତୁମେ ସମ୍ପୂର୍ଣ୍ଣ ଠିକ୍ କାର୍ଯ୍ୟ କଲ । ଏହି ଘଟଣା ପୂର୍ବରୁ ପୁଣ୍ୟଶ୍ଲୋକ ଏକ ସ୍ୱପ୍ନ ମଧ୍ୟ ଦେଖିଥିଲେ ଯେ, ମୁଁ ହୈସ୍ (ଖଜୁରୀ, ପନିରୀ ଓ ଘିଅ ମିଶ୍ରିତ ଏକ ପ୍ରକାର ବ୍ୟଞ୍ଜନ)ରୁ କିଛି ସେବନ କଲି ଓ ତାହାର ସ୍ୱାଦ ମୋତେ ବେଶ ଭଲ ଲାଗିଲା । କିନ୍ତୁ ଯେତେବେଳେ ମୁଁ ତାହାକୁ ଗିଳିବାକୁ ଲାଗିଲି ସେତେବେଳେ ତାହାର କିଛି ଅଂଶ ମୋ ତଣ୍ଟିରେ ଅଟକି ରହିଗଲା । ତା'ପରେ ହଜରତ ଅଲୀ[ର.ଅ] ନିଜ ହସ୍ତ ପ୍ରବିଷ୍ଟ କରାଇ ତାହାକୁ ବାହାର କରିଦେଲେ । ହଜରତ ଅବୁବକର୍[ର.ଅ] ଏହି ସ୍ୱପ୍ନର ଯଥାର୍ଥ୍ୟ ଦର୍ଶାଇ କହିଲେ; ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହା ମହାଭାଗଙ୍କ ପ୍ରେରିତ ସରିୟା ମଧ୍ୟରୁ

ଗୋଟିଏ ସରିୟାର ପ୍ରସଙ୍ଗ । ତାହାର କିଛି ବିଷୟ ତ ଆପଣଙ୍କୁ ପସନ୍ଦ ଆସିବ ଓ ଅନ୍ୟ କିଛି ଆପତ୍ତି ଯୋଗ୍ୟ ସାବ୍ୟସ୍ତ ହେବ । ତା'ପରେ ମହାଭାଗ ହଜରତ ଅଲୀ [ର.ଅ]ଙ୍କୁ ପ୍ରେରଣ କରିବେ ଏବଂ ସେ ସେଥିରେ ସହଜତା ଆଣିଦେବେ ଅର୍ଥାତ୍ ବିଗିଡ଼ି ଯାଇଥିବା ପରିସ୍ଥିତିକୁ ସୁଧାରି ଦେବେ । ବସ୍ତୁତଃ ଏହି ସରିୟାରେ ସେହି ସ୍ୱପ୍ନ ପୂରଣ ହୋଇଥିଲା ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ବୁଖାରୀର ବ୍ୟାଖ୍ୟା ହଜରତ ସୟଦ ଜୈନୁଲ୍ ଆବିଦ୍ଦିନ୍ ଓଲିଉଲ୍ଲାଃ ଶାହ୍ ସାହେବ ମଧ୍ୟ ଉଲ୍ଲେଖ କରିଛନ୍ତି ଏବଂ ସେ ବେଶ ବୁଦ୍ଧିଜ୍ଞାନ ସମ୍ୱଳିତ ତଥ୍ୟ (ନୋଟ୍) ପ୍ରଦାନ କରିଛନ୍ତି, ଯହିଁରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ, ଏଥିରେ ହଜରତ ଖାଲିଦ୍ ବିନ୍ ଓଲିଦ୍ [ର.ଅ]ଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନଥିଲା, ବରଂ ତାଙ୍କ ଦ୍ୱାରା ଏକ ପ୍ରୟାସଗତ ତ୍ରୁଟି ସାଧିତ ହୋଇଥିଲା । ତେଣୁ ନବୀଶ୍ରେଷ୍ଠ ତାଙ୍କ ଉପରେ ନାରାଜ ହୋଇଥିଲେ ଓ ଈଶ୍ୱରଙ୍କ ଶରଣେ ନିଜ ବିରକ୍ତ ଭାବ ମଧ୍ୟ ପ୍ରକଟ କରିଥିଲେ । ଆଉ ଅନୁସନ୍ଧାନରୁ ପ୍ରମାଣିତ ହେବା ଫଳରେ ଯେ, ଏହା ଏକ ଭୁଲ ବୁଝାମଣା ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିଲା । ବସ୍ତୁତଃ ମହାଭାଗ ତାହାର କ୍ଷତିପୂରଣ ପ୍ରଦାନ କରିବାର ନିଷ୍ପତ୍ତି ଦେଲେ । ଆଉ ହଜରତ ଖାଲିଦ୍ [ର.ଅ]ଙ୍କର କ୍ଷମାଭିକ୍ଷା କରିବା ନିବେଦନକୁ ମହାଭାଗ କେବଳ ଗ୍ରହଣ କରି ନଥିଲେ, ବରଂ ସେହି ଘଟଣାର କିଛି ଅବଧି ପରେ ହୁନେନ୍ ଯୁଦ୍ଧ ପାଇଁ ପ୍ରତ୍ୟେକ ସୈନ୍ୟଦଳ ଓ ଅଶ୍ୱାରୋହୀମାନଙ୍କର ହଜରତ ଖାଲିଦ୍ [ର.ଅ]ଙ୍କୁ ସେନାଧକ୍ଷ ମୁତୟନ କରିଥିଲେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏତଦ୍ ବ୍ୟତୀତ ଆଉ ଦୁଇଟି ସରିୟାର ସଂକ୍ଷିପ୍ତ ବିବରଣୀ ମଧ୍ୟ ବର୍ଣ୍ଣିତ ରହିଛି । ସରିୟା ୟଲମଲମ୍, ଏଥିପାଇଁ ପୁଣ୍ୟଶ୍ଳୋକ ହଜରତ ହିଶାମ୍ ବିନ୍ ଆସ୍ [ର.ଅ]ଙ୍କ ନେତୃତ୍ୱରେ ୨୦୦ଜଣ ସୈନିକମାନଙ୍କର ଏକ ଦଳକୁ ମକ୍କାର ଦକ୍ଷିଣ-ପୂର୍ବ ପ୍ରାନ୍ତ ଅଭିମୁଖେ ପ୍ରେରଣ କରିଥିଲେ । ସରିୟା ଉର୍‌ନା, ଏହା ଅରଫାତ୍ ସମ୍ମୁଖରେ ଥିବା ଏକ ଉପତ୍ୟାକା । ବର୍ଣ୍ଣନା କରାଯାଏ ଯେ, ହୁଜୁର[ସ.ଅ] ହଜରତ ଖାଲିଦ୍ ବିନ୍ ସଇଦ୍ ବିନ୍ ଆସ୍ [ର.ଅ]ଙ୍କୁ ୩୦୦ଜଣ ସୈନିକଙ୍କର ଅଧକ୍ଷତାରେ ସେହି ଅଞ୍ଚଳକୁ ପ୍ରେରଣ କରିଥିଲେ । ଏହାର ବର୍ଣ୍ଣନା ମୁହମ୍ମଦ ବିନ୍ ଉମର୍ ଓ୍ୱାକଦୀ କରିଛନ୍ତି । ତାଙ୍କ ବ୍ୟତୀତ ଅନ୍ୟ କୌଣସି ଜୀବନୀ ଲେଖାଳୀ ଏହି ଘଟଣା ଚର୍ଚ୍ଚା କରି ନାହାନ୍ତି । ତେଣୁ ଏହା ଅନୁସନ୍ଧାନ ଯୋଗ୍ୟ ଯେ, ଉକ୍ତ ଘଟଣାଟି ସଠିକ୍ କି ନୁହେଁ । ଆଉ ନା ଏହାର ଅତିରିକ୍ତ ବ୍ୟାଖ୍ୟା ମିଳୁଅଛି ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସେ ଯାହା ହେଉ ଏତଦ୍ ଦ୍ୱାରା ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ବେଶ ସ୍ପଷ୍ଟ ରୂପେ ବୁଝା ପଡିଥାଏ ଯେ, **ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କୌଣସି ପରିସ୍ଥିତିରେ କଠୋରତା ପ୍ରଦର୍ଶନ କରି ନାହାନ୍ତି ।** ତେଣୁ ଇସଲାମର ଶତ୍ରୁମାନେ ଯେଉଁ ଆପତ୍ତି ବାଢ଼ିଥାନ୍ତି ଯେ, ନବୀଶ୍ରେଷ୍ଠ ନିରୀହ ଲୋକମାନଙ୍କୁ ହତ୍ୟା କରାଇ ଦେଲେ, ତାହା ଭୁଲ ପ୍ରମାଣିତ ହେଉଛି । ବରଂ ଯେଉଁସ୍ଥଳେ ଭୁଲ ବଶତଃ ଏପରି କୌଣସି ଘଟଣା ଘଟିଥିଲା ସେଥିପାଇଁ ମହାଭାଗ ବେଶ ଅସନ୍ତୋଷ ପ୍ରକାଶ କରିଥିଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** ***

Khulasa Khutba Juma Huzoor Anwar a.b.a

15th August 2025

*Translated to Odia by :* Moulavi Anwar Ahmad Khan